ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# କୃଷି ଓ କୃଷକର ଉନ୍ନତି ରାଜ୍ୟ ସରକାରଙ୍କ ପ୍ରାଥମିକତା
## କୃଷିଜାତ ଦ୍ରବ୍ୟର ବଜାରସଂଯୋଗୀକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୪ ଜାନୁଆରୀ, ୨୦୨୦

କୃଷିର ସର୍ବାଙ୍ଗୀନ ଉନ୍ନତି ତଥା କୃଷକମାନଙ୍କର ଆୟ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ନିଆଯାଉଛି ଓ ସେଥି ମଧ୍ୟରୁ ଐତିହାସିକ କାଳିଆ ଯୋଜନା ୨୦୧୯ ମସିହାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଜନା । ଏହି ଯୋଜନାରେ ୨୦୧୯-୨୦ ବର୍ଷରେ ସମୁଦାୟ ୪୭ ଲକ୍ଷ ୭୯ ହଜାର ୩୮୧ ଜଣ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦିଆଯାଇଛି । ଏଥି ମଧ୍ୟରୁ ୩୧ ଲକ୍ଷ ୯୬ ହଜାର ୫୫୬ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୫ ଲକ୍ଷ ୮୨ ହଜାର ୮୨୫ ଜଣ ଭୂମିହୀନ କୃଷି ଶ୍ରମିକ ଅନ୍ତର୍ଭୁକ୍ତ ।

ସେହିପରି ଓଡ଼ିଶା ମିଲେଟ୍ ମିଶନର ସଫଳତା ଆଧାରରେ ଭାରତ ସରକାର ପୁଷ୍ଟିଶସ୍ୟ ସଂକ୍ରାନ୍ତରେ ମାର୍ଗଦର୍ଶିକାକୁ ସଂଶୋଧନ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି । ନୀତି ଆୟୋଗ ଦ୍ୱାରା ଓଡ଼ିଶା ମିଲେଟ୍ ମିଶନ ଢାଞ୍ଚାରେ ମାଣ୍ଡିଆ ଚାଷକୁ ଅନ୍ୟ ରାଜ୍ୟରେ ପ୍ରଚଳନ ପାଇଁ ପ୍ରୋତ୍ସାହିତ କରାଯାଉଛି । ପ୍ରଥମଥର ପାଇଁ ୨୦୧୮-୧୯ ବର୍ଷରେ ୧୭,୯୮୫ କ୍ୱିଣ୍ଟାଲ୍ ରାଗି ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀମାନଙ୍କଠାରୁ ସଂଗ୍ରହ କରାଯିବା ସହିତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଣରଣୀ ବୀମା ଚାଷୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି । ଏହି ସଂଖ୍ୟା ଖରିଫ୍ ୨୦୧୬ରେ ମାତ୍ର ୩୦ ହଜାର ଥିବାବେଳେ ଏହା ୨୦୧୯ ମସିହାରେ ୭.୫ ଲକ୍ଷକୁ ବୃଦ୍ଧି ପାଇଛି । ଏଥିସହିତ ବିଗତ ତିନି ବର୍ଷ ମଧ୍ୟରେ ଫସଲ ବୀମା ଯୋଜନାରେ ମୋଟ ଚାଷୀଙ୍କ ସଂଖ୍ୟା ୧୭.୬୩ ଲକ୍ଷରୁ ୨୦.୦୫ ଲକ୍ଷକୁ ବୃଦ୍ଧି ପାଇଛି ଓ ବୀମାଭୁକ୍ତ ଚାଷ ଜମିର ପରିମାଣ ୧୨.୫ ଲକ୍ଷ ହେକ୍ଟରରୁ ୧୮.୫୨ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି ।

କୃଷି ଯନ୍ତ୍ରପାତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ଓ ପ୍ରୋତ୍ସାହନ ଦେବା ଫଳରେ କୃଷି ଯନ୍ତ୍ରପାତି ବ୍ୟବହାର ଲୋକପ୍ରିୟ ହେବା ସହିତ ଶକ୍ତିର ବ୍ୟବହାର ମଧ୍ୟ ବୃଦ୍ଧି ପାଇଛି । ପୂର୍ବବର୍ଷ କୃଷି କ୍ଷେତ୍ରରେ ହେକ୍ଟର ପିଛା ୧.୬୪ କିଲୋୱାଟ୍ ଶକ୍ତି ବିନିଯୋଗ ହେଉଥିବାବେଳେ ଏହାର ମାର୍ଚ୍ଚ ୨୦୧୯ ସୁଦ୍ଧା ୧.୬୮ କିଲୋୱାଟ୍‌କୁ ବୃଦ୍ଧି ପାଇଛି । ଜଳନିଧି ଯୋଜନାରେ ୨୦୧୯-୨୦ ବର୍ଷରେ ୨୮୦୦ଟି ପ୍ରକଳ୍ପ ସଂପୂର୍ଣ୍ଣ କରାଯାଇ ୬୬୦୫ ହେକ୍ଟର ଜମିକୁ ଜଳସେଚନ ଯୋଗାଇବାର କ୍ଷମତା ସୃଷ୍ଟି କରାଯାଇଛି । ଏ ବାବଦରେ ସବ୍‌ସିଡି ଆକାରରେ ୮,୦୩୧.୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟର ଜନଜାତି ଅଧ୍ୟୁଷିତ ଅଞ୍ଚଳରେ କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନାରେ ୫୫୪ଟି ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇ ୫୫,୨୦୦ କୃଷକ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ପ୍ରକଳ୍ପର ପ୍ରାୟ ୧ ଲକ୍ଷ କ୍ଷୁଦ୍ର, ଓ ନାମମାତ୍ର ମହିଳା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ୧୨ଟି ଜନଜାତି ଅଧ୍ୟୁଷିତ ଜିଲ୍ଲାର ୪୦ଟି ପଛୁଆ ବ୍ଲକ୍‌ରେ ୬୫୦ଟି ଉତ୍ପାଦକ ଗୋଷ୍ଠୀ ଏବଂ

୩୦ଟି କୃଷି ଉତ୍ପାଦକ କ୍ଲଷ୍ଟର ବା ଉତ୍ପାଦକ କମ୍ପାନୀ ଆଗାମୀ ୪ ବର୍ଷ ମଧ୍ୟରେ ଗଠନ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ କୃଷି ନିର୍ଦ୍ଦେଶାଳୟକୁ ୨୦୧୯ ମସିହାରେ ସ୍କଚ୍ ଗଭର୍ଣ୍ଣର ପୁରସ୍କାରରେ ସମ୍ମାନିତ କରାଯାଇଛି ।

କୃଷି ଓ କୃଷକର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଆବଶ୍ୟକତା ଅନୁସାରେ କୃଷିନୀତି ପ୍ରଣୟନ କରାଯାଇଛି । ୧୯୯୬ ମସିହାରେ ପ୍ରଣୀତ ପ୍ରଥମ କୃଷି ନୀତିରେ କୃଷିକୁ ଶିଳ୍ପର ମାନ୍ୟତା ଦିଆଯାଇଥିଲା । ପରେ ୨୦୦୮ ଏବଂ ୨୦୧୩ ମସିହାରେ କୃଷିନୀତିରେ ଆବଶ୍ୟକୀୟ ସଂଶୋଧନ କରାଯାଇ ଏହାକୁ ଅଧିକ ବିସ୍ତୃତ ଓ ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । କୃଷିନୀତିରେ ବ୍ୟାପକ ପରିବର୍ତ୍ତନ କରାଯାଇ ବିଭାଗ ଦ୍ୱାରା 'ସମୃଦ୍ଧି-କୃଷିନୀତି ୨୦୨୦' ପ୍ରଣୟନ କରାଯାଇଛି, ଯେଉଁଥିରେ କୃଷକମାନଙ୍କ ଆୟ ବୃଦ୍ଧି ନିମନ୍ତେ ଫସଲର ବିବିଧିକରଣ, ବଜାର ସୁବିଧା, ମୂଲ୍ୟଯୁକ୍ତ ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ଉପଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ।

ଏଥି ସହିତ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ଗୋପାଳନ ଏବଂ ପ୍ରାଣୀସଂପଦ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ଏବଂ ଅଧିକ ଆୟ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା କୃଷକ ଉତ୍ପାଦକ ସଂଗଠନ ନୀତି ପ୍ରଣୟନ କରାଯାଇଛି । ଉତ୍ପାଦିତ ଦ୍ରବ୍ୟର ଚାହିଦାକୁ ଦୃଷ୍ଟିରେ ରଖି କ୍ଲଷ୍ଟର, ବ୍ଲକ୍, ଜିଲ୍ଲା କିମ୍ବା ରାଜ୍ୟ ସ୍ତରରେ ଏହି ସଂଗଠନଗୁଡ଼ିକ ପ୍ରତିଷ୍ଠା କରାଯାଉଛି । ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଅବଲମ୍ବନ କରିବା ସହିତ ହିତାଧିକାରୀମାନଙ୍କୁ ଠିକ୍ ସମୟରେ ସହାୟତା ପ୍ରଦାନ କରିବା ନିମନ୍ତେ କୃଷି ଏବଂ ଉଦ୍ୟାନ କୃଷିର ପ୍ରାୟ ୬୦ଟି ଯୋଜନାକୁ ଡିଜିଟାଇଜେସନ୍ କରାଯାଇଛି । ଚାଷୀମାନଙ୍କୁ ବିଶେଷଜ୍ଞମାନଙ୍କ ଦ୍ୱାରା ସମୟ ଉପଯୋଗୀ କୃଷି ସେବା ଓ ପରାମର୍ଶ ଯୋଗାଇଦେବା ଉଦ୍ଦେଶ୍ୟରେ 'ଆମ କୃଷି' ମୋବାଇଲ୍ ସେବା ଯୋଗାଇ ଦିଆଯାଇଛି । ଏଥିରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୬.୨୪ ଲକ୍ଷ ଚାଷୀଙ୍କୁ ସଂଯୁକ୍ତ କରାଯାଇଛି ।

ଏଥି ସହିତ କୃଷି ପଦ୍ଧତିରେ ଉନ୍ନତି ଆଣିବା, ନୂତନ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସହିତ ଦକ୍ଷତା ବୃଦ୍ଧି ନିମନ୍ତେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବିଭିନ୍ନ ଅନ୍ତର୍ଜାତୀୟ ଅନୁଷ୍ଠାନ, ଗବେଷଣା ସଂସ୍ଥା, ଶିଳ୍ପ ପ୍ରତିଷ୍ଠାନ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି ବୋଲି ବିଭାଗ ସୂତ୍ରରୁ ପ୍ରକାଶ ।

ତାପସ କୁମାର ସାହା
ସୂଚନା ଅଧିକାରୀ